# ହେ ମହାବାହୁ

● ଅନ୍ନପୂର୍ଣ୍ଣା ନନ୍ଦ

ମହାସିନ୍ଧୁ ତୁମେ ଜଳବିନ୍ଦୁ ମୁହିଁ
ବିନ୍ଦୁଏ କରୁଣା ପାଇଁ
ଚାତକିନୀ ସମ ଅନାଇ ରହିଛି
କରୁଣା ନୋହିଲା କାହିଁ
ହେ ମହାବାହୁ...... ।
ତୁମେ ଦୀନବନ୍ଧୁ ମୁହିଁ ଦୀନଦୁଃଖୀ
ବଢୁଛି ଦୁଃଖର ଦାଉ
ଆଉ କା' ଆଗରେ କହିବି କାହିଁକି
ତୁମ ପରି ପ୍ରଭୁ ଥାଉ
ସବୁ ମନକଥା ଗୋପନ ବାରତା
ଜଣାଏ ତୁମକୁ ଯାଇ ।
ତୁମେ ଚକାଆଖି ମୁଁ ତ ନିରିମାଖୀ
ଅନାଇ ରହିଛି ପ୍ରଭୁ
ଥରେ ବସିଗଲେ ମନ ନନ୍ଦିଘୋଷେ
ପାଶୋରନ୍ତି ଦୁଃଖ ସବୁ
ହେ ଜଗତ ଜିତା ପ୍ରାଣର ବାରତା
ଘେନ ମୋ' କମଳା ସାଇଁ ।

❐❐❐

ଏମ୍.ଭି. ୧୩, ମଧୁବନ
ପାରାଦ୍ୱୀପ - ୭୫୪୧୪୨



# ଅଳି

● ସୁବିଦ୍ୟା ଦେବୀ

ମୁଁ ତ ଦାସିଆର ନଡ଼ିଆ ନୁହେଁ ଯେ
ଦୁଇ ହାତେ ମୋତେ ଉଠାଇ ନେବ,
ମୁଁ ତ ଶବରୀର ଚଖା କୋଳି ନୁହେଁ
ତୁମ ରଙ୍ଗାଧର ଛୁଆଁ ମିଳିବ ।
ମୁଁ ତ ତୁମ ପ୍ରିୟ ପାଞ୍ଚାଳୀ ନୁହେଁ ଯେ
କୋଟି ବସ୍ତ୍ର ଦେଇ ଲଜ୍ୟା ଢ଼ାଙ୍କିବ,
ମୁଁ ତ ଶାପଗ୍ରସ୍ତ ଅହଲ୍ୟା ନୁହେଁ ଯେ
ଛୁଇଁଲେ ପାଷାଣୀ ରମଣୀ ହେବ ।
ମୁଁ ତ ଗରଭିଣୀ ହରିଣୀ ନୁହେଁ ଯେ
ବ୍ୟାଧ-ନିଆଁ-ଜାଲ ସବୁ ନାଶିବ,
ମୁଁ ତ ସାଲବେଗ ଭକତ ନୁହେଁ ଯେ
ନନ୍ଦିଘୋଷ ଦାଣ୍ଡେ ଅଟକି ଯିବ ।
ମୁଁ ଅଟଇ ଛାର, ମଣିଷ ମାତର
ସତ-ମିଛ,ସୁଖ-ଦୁଃଖର ଜୀବ,
ତୁମେଇ ରଖିବ, ତାରିବ, ମାରିବ
ମୋ ପାପ ପୁଣ୍ୟର କରି ହିସାବ ।
ତୁମରି ଆଶ୍ରାରେ ଧାଉଁଛି, ଜିଇଁଛି
ଆଶା, କଣିକାଏ କରୁଣା ଦେବ,
ଏ ଜନ୍ମେ ନ ଦେଲେ, ନ ଦିଅ ହେ ପ୍ରଭୁ
ଆର ଜନ୍ମେ ମୋତେ କୋଳେଇ ନେବ ।

❐❐❐

ବ୍ରାହ୍ମଣ ସମିତି ପଡ଼ିଶା
ହେରା ଗୋହିରୀ ସାହି
ପୁରୀ

